Odisha Sub-ordinate Staff Selection Commission
(OSSSC), Govt. of Odisha

# OSSSC CRE 2025

## Combined Recruitment Examination · Preliminary · Question Paper

**26 May 2026 · 9:00 AM - 10:30 AM** **Odia Version**

RI · ICDS Supervisor · VAW · JA · ARI · Amin · SFS | Official Answer Key

## About this Paper


This is the **OSSSC Combined Recruitment Examination (CRE) 2025** Preliminary written test (Advt. IIE-120/2025-3219) for the posts of Revenue Inspector, ICDS Supervisor, Village Agricultural Worker, Junior Assistant, Assistant Revenue Inspector, Amin & Statistical Field Surveyor — **26 May 2026, 9:00 AM - 10:30 AM** shift, **Odia version**, with the correct option marked as per the official answer key.

**Exam pattern:** 100 questions · 100 marks · 90 minutes. Sections: Mathematics 20, General Studies 20, English 20, Odia 15, Computer 15, Logical Reasoning 10. Marking: **+1** correct, **−0.25** wrong.

✓ Correct option (highlighted green)


### More from QMaths

Check your marks & All-India rank at **rank.qmaths.in**. Master English vocabulary with the **Blackbook** app.




***Toppers' Choice, Blackbook of English Vocabulary, Now available in App format : DOWNLOAD NOW***

## Quant

**Q1** Quant

ଜଣେ ବ୍ୟକ୍ତି ଏକ ଗନ୍ତବ୍ୟସ୍ଥଳକୁ ଯିବା ପାଇଁ ନିମ୍ନଲିଖିତ ଭାବେ ଯୋଜନା କରିଥିଲେ: 14 km/hr ବେଗରେ ଟ୍ୟାକ୍ସିରେ 168 km, 19 km/hr ବେଗରେ ବସରେ 152 km ଏବଂ ଅବଶିଷ୍ଟ ଦୂରତା 184 kmକୁ 23 km/hr ବେଗରେ ଟ୍ରେନରେ ଯାତ୍ରା କରନ୍ତି । ସମଗ୍ର ଯାତ୍ରାରେ ତାଙ୍କର ହାରାହାରି ବେଗ କେତେ ଥିଲା?

- **A.** C. 16.4 km/hr
- **B.** D. 18 km/hr ✓
- **C.** B. 18.5 km/hr
- **D.** A. 20 km/hr

**Q2** Quant

ଜଣେ ବ୍ୟକ୍ତି ସହର A ରୁ ସହର B କୁ 48 km/hr ବେଗରେ ଯାତ୍ରା କରନ୍ତି । ସହର B ରୁ ସହର A କୁ ଫେରିବା ସମୟରେ କିଛି ଟ୍ରାଫିକ ଯୋଗୁଁ ବେଗ 32 km/hr କୁ ହ୍ରାସ ପାଏ । ତାଙ୍କର ସମଗ୍ର ଯାତ୍ରାର ହାରାହାରି ବେଗ କେତେ?

- **A.** C. 38.4 km/hr ✓
- **B.** A. 38.1 km/hr
- **C.** D. 39.2 km/hr
- **D.** B. 39.8 km/hr

**Q3** Quant

ଜଣେ ଦୋକାନୀ ₹9,000 ମୂଲ୍ୟର ଚିନି କିଣିଲେ । ସେ ଏହାର ଏକ ତୃତୀୟାଂଶକୁ 10% ଲାଭରେ ବିକ୍ରି କଲେ । ମୋଟ 12% ଲାଭ ଅର୍ଜନ କରିବା ପାଇଁ ଅବଶିଷ୍ଟକୁ କେତେ ପ୍ରତିଶତ ଲାଭରେ ବିକ୍ରି କରାଯିବା ଆବଶ୍ୟକ?

- **A.** B. 13% ✓
- **B.** D. 12%
- **C.** A. 14%
- **D.** C. 15%

**Q4** Quant

3,5,10 ଓ 15 ଦ୍ୱାରା ପୂର୍ଣ୍ଣ ରୂପେ ବିଭାଜ୍ୟ ହେଉଥିବା କ୍ଷୁଦ୍ରତମ ସଂଖ୍ୟାଟି ନିର୍ଣ୍ଣୟ କର ।

- **A.** A. 15
- **B.** C. 60
- **C.** D. 30 ✓
- **D.** B. 90

**Q5** Quant

ଯଦି p : (q + r) = 2 : 5 ଏବଂ r : (p + q) = 1 : 3 ହୁଏ , ତେବେ q : (p + r) ନିର୍ଣ୍ଣୟ କର ।

- **A.** A. 8 : 13
- **B.** D. 7 : 13
- **C.** B. 13 : 15 ✓
- **D.** C. 13 : 3

**Q6** Quant

କୌଣସି ତଥ୍ୟ ସେଟ ପାଇଁ ଗରିଷ୍ଠକ ସମ୍ବନ୍ଧୀୟ କେଉଁ ବିବୃତ୍ତିଟି ସଠିକ ଅଟେ?

- **A.** D. ଏହା ସର୍ବଦା ମଧ୍ୟମା ସହିତ ସମାନ
- **B.** A. ଗରିଷ୍ଠକ ରହି ନପାରେ କିମ୍ବା ଏହା ଅନନ୍ୟ ହୋଇ ନପାରେ । ✓
- **C.** C. ଗରିଷ୍ଠକ ସର୍ବଦା ରହିଥାଏ
- **D.** B. ଗରିଷ୍ଠକ ସର୍ବଦା ଶୂନ୍ୟ ହୁଏ

**Q7** Quant

ଦୁଇ ବନ୍ଧୁଙ୍କ ବୟସର ଅନୁପାତ 5: 6 ଅଟେ । ଯଦି ସେମାନଙ୍କ ବୟସର ସମଷ୍ଟି 44 ବର୍ଷ ହୁଏ, ତେବେ ସେମାନଙ୍କ ବୟସର ଅନ୍ତର ନିର୍ଣ୍ଣୟ କର ।

- **A.** 2 ବର୍ଷ
- **B.** 4 ବର୍ଷ ✓
- **C.** 5 ବର୍ଷ
- **D.** 7 ବର୍ଷ

**Q8** Quant

35 ର 20 % ଠାରୁ 65 ର 30 % କେତେ ଅଧିକ?

- **A.** D. 12.5 ✓
- **B.** C. 7.5
- **C.** A. 9.5
- **D.** B. 14.5

**Q9** Quant

A ଏବଂ B ଏକାଠି କାମ କରି ଗୋଟିଏ କାର୍ଯ୍ୟ 6 ଦିନରେ ଶେଷ କରିପାରିବେ । B ଏକାକୀ ସମାନ କାର୍ଯ୍ୟକୁ 7 ଦିନରେ ଶେଷ କରିପାରିବେ । A ଏକାକୀ କେତେ ସମୟ (ଦିନ ରେ) ରେ କାମର ତିନିଗୁଣ କରିପାରିବ?

- **A.** B. 126 ✓
- **B.** D. 252
- **C.** C. 378
- **D.** A. 504

Blackbook Vocabulary — Now in the App! ► Download Now on Google Play

**Q10** Quant

₹8,913 କୁ X, Y, ଏବଂ Z ମଧ୍ୟରେ ଏପରି ଭାବରେ ବିଭକ୍ତ କରାଯାଇଛି ଯେ ଯଦି ସେମାନଙ୍କର ଅଂଶରୁ ₹28, ₹76, ଏବଂ ₹20 ବିୟୋଗ କରାଯାଏ, ତେବେ ଅବଶିଷ୍ଟ ରାଶି 9:2:6 ଅନୁପାତରେ ରହିବ । ବିୟୋଗ କରାଯିବା ପରେ X ର ଅଂଶ ନିର୍ଣ୍ଣୟ କର ।

- **A.** C. ₹4,653 ✓
- **B.** A. ₹4,603
- **C.** D. ₹4,753
- **D.** B. ₹4,803

**Q11** Quant

47105 ସହିତ କେଉଁ କ୍ଷୁଦ୍ରତମ ଗଣନ ସଂଖ୍ୟା ଯୋଗ କଲେ ଯୋଗଫଳ 27 ଦ୍ୱାରା ସମ୍ପୂର୍ଣ୍ଣ ବିଭାଜ୍ୟ ହେବ?

- **A.** A. 10 ✓
- **B.** C. 15
- **C.** D. 12
- **D.** B. 8

**Q12** Quant

ଜଣେ ଦୋକାନୀ ଏକ ଜିନିଷର ଚିହ୍ନିତ ମୂଲ୍ୟକୁ ତାହାର କ୍ରୟ ମୂଲ୍ୟଠାରୁ 40% ଅଧିକ ସ୍ଥିର କରନ୍ତି । 19 % ଲାଭ ଅର୍ଜନ କରିବା ପାଇଁ ଚିହ୍ନିତ ମୂଲ୍ୟ ଉପରେ କେତେ ପ୍ରତିଶତ ରିହାତି ଦିଆଯିବା ଉଚିତ?

- **A.** B. 15% ✓
- **B.** D. 18%
- **C.** A. 13%
- **D.** C. 14%

**Q13** Quant

ଯଦି ମୂଳଧନ ₹y ଉପରେ ବାର୍ଷିକ 8% ସୁଧ ହାରରେ 2 ବର୍ଷର ଚକ୍ରବୃଦ୍ଧି ସୁଧ (ବାର୍ଷିକ ଭାବେ ଚକ୍ରବୃଦ୍ଧି ହେଉଥିବା) ₹832 ହୁଏ, ତେବେ 2 ବର୍ଷ ପରେ ସମୂଳସୁଧ କେତେ ହେବ?

- **A.** B. ₹5,832 ✓
- **B.** D. ₹6,327
- **C.** C. ₹5,519
- **D.** A. ₹6,140

**Q14** Quant

O କେନ୍ଦ୍ର ବିଶିଷ୍ଟ ଏକ ବୃତ୍ତର ବ୍ୟାସ AB ଅଟେ । ବୃତ୍ତ ଉପରେ D ଏକ ଏପରି ବିନ୍ଦୁ ଯେପରିକି OD AB ପ୍ରତି ଲମ୍ବ ଅଟେ । ∠BAD ର ପରିମାଣ ନିର୍ଣ୍ଣୟ କର ।

- **A.** D. 45° ✓
- **B.** B. 30°
- **C.** C. 60°
- **D.** A. 75°

**Q15** Quant

AB CD ସହ ସମାନ୍ତର ଅଟେ । AB ଓ CD କୁ ଏକ ଛେଦକ PQ ଯଥାକ୍ରମେ E ଓ F ବିନ୍ଦୁରେ ଛେଦ କରେ ଏବଂ ∠PEB = 53° ଅଟେ । G ହେଉଛି AB ଓ CD ମଧ୍ୟରେ ଏକ ବିନ୍ଦୁ, ଯେପରିକି ∠BEG = 22° ଏବଂ ∠GFE = 50° ଅଟେ । ∠EGF ର ପରିମାଣ କେତେ?

- **A.** A. 25° ✓
- **B.** B. 19°
- **C.** C. 17°
- **D.** D. 38°

**Q16** Quant

ବାର୍ଷିକ 8% ସରଳ ସୁଧ ହାରରେ ₹3,000 ମୂଳଧନରୁ କେତେ ମାସରେ ₹480 ଟଙ୍କା ସୁଧ ମିଳିବ?

- **A.** B. 24 ✓
- **B.** A. 21
- **C.** C. 22
- **D.** D. 28

Blackbook Vocabulary — Now in the App! ► Download Now on Google Play

**Q17** Quant

A ଗୋଟିଏ କାମକୁ 26 ଦିନରେ ଶେଷ କରିପାରିବ ଏବଂ B ସେହି ସମାନ କାମକୁ 39 ଦିନରେ ଶେଷ କରିପାରିବ । ସେମାନେ 13 ଦିନ ପାଇଁ ଏକାଠି କାମ କରନ୍ତି; କାମର କେତେ ଅଂଶ ବାକି ରହିବ?

A. $\frac{1}{3}$

B. $\frac{1}{6}$ ✓

C. $\frac{1}{4}$

D. $\frac{1}{5}$

**Q18** Quant

ଏକ ଟ୍ରାପିଜିୟମ ABCD ର କ୍ଷେତ୍ରଫଳ 24 $cm^2$ ଅଟେ । ଏହାର BC ଓ AD ବାହୁ ଦ୍ୱୟ ସମାନ୍ତର ଅଟେ ଏବଂ AB AD ପ୍ରତି ଲମ୍ବ ଅଟେ । ଯଦି BC = 5 cm ଏବଂ AD = 7 cm ହୁଏ, ତେବେ CD ର ଦୈର୍ଘ୍ୟ ନିର୍ଣ୍ଣୟ କର ।

A. $2\sqrt{5}$ cm ✓

B. $4\sqrt{2}$ cm

C. $3\sqrt{5}$ cm

D. $3\sqrt{2}$ cm

**Q19** Quant

55 ର $\frac{3}{5}$ ଅପେକ୍ଷା 60 ର 65% କେତେ ଅଧିକ ଅଟେ?

A. D. 6 ✓

B. A. 3

C. C. 2

D. B. 4

**Q20** Quant

ସମୀକରଣ $x^2 + 2x + 4 = 0$ ର ଗୋଟିଏ ମୂଳ $-1 + \sqrt{3}i$ ହେଲେ, ଅନ୍ୟ ମୂଳଟି କେତେ?

A. $-2$

B. $-1$

C. $-1 - \sqrt{3}i$ ✓

D. $1 - \sqrt{3}i$

Blackbook Vocabulary — Now in the App! ► Download Now on Google Play

generated by rank.qmaths.in

## GA

**Q21** GA

ଦ୍ୱିତୀୟ ଖେଲୋ ଇଣ୍ଡିଆ ପାରା ଗେମ୍ସ (KIPG) 2025 ରେ କେଉଁ ଭାରତୀୟ ରାଜ୍ୟ ପଦକ ତାଲିକାରେ ଶୀର୍ଷ ସ୍ଥାନ ଅଧିକାର କରିଥିଲା ?

- **A.** B. ଉତ୍ତରପ୍ରଦେଶ
- **B.** D. ମହାରାଷ୍ଟ୍ର
- **C.** C. ତାମିଲନାଡୁ
- **D.** A. ହରିୟାଣା ✓

**Q22** GA

17 ଫେବୃଆରୀ 2025 ରେ ନିମ୍ନଲିଖିତମାନଙ୍କ ମଧ୍ୟରୁ କାହାକୁ ଆନୁଷ୍ଠାନିକ ଭାବରେ ମୁଖ୍ୟ ନିର୍ବାଚନ କମିଶନର ଭାବରେ ନିଯୁକ୍ତ କରାଯାଇଥିଲା?

- **A.** B. ଜ୍ଞାନେଶ କୁମାର ✓
- **B.** D. ରାଜୀବ କୁମାର
- **C.** A. ସୁଶୀଲ ଚନ୍ଦ୍ର
- **D.** C. ସୁନୀଲ ଅରୋରା

**Q23** GA

ଓଡ଼ିଶା ଅର୍ଥନୈତିକ ସର୍ଭେ 2024-25 ଅନୁଯାୟୀ ଓଡ଼ିଶାର କେଉଁ ସହରରେ ଏକମାତ୍ର ଆନ୍ତର୍ଜାତୀୟ ବିମାନବନ୍ଦର ଅବସ୍ଥିତ?

- **A.** D. କଟକ
- **B.** A. ରାଉରକେଲା
- **C.** B. ଭୁବନେଶ୍ୱର ✓
- **D.** C. ବ୍ରହ୍ମପୁର

**Q24** GA

ଅଗଷ୍ଟ 2025 ରେ ଓଡ଼ିଶା ସରକାର ଜାତୀୟ ଶିକ୍ଷା ନୀତି 2020 ସହିତ ସମନ୍ୱିତ ଏକ ପ୍ରମୁଖ ଯୋଜନାର ପ୍ରଥମ ପର୍ଯ୍ୟାୟରେ 835 ଟି ମଡେଲ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ଘୋଷଣା କରିଥିଲେ । ଏହି ଯୋଜନାର ନାମ କ'ଣ ଥିଲା?

- **A.** C. ଉଜ୍ଜ୍ୱଳ ପ୍ରାଥମିକ ଶିକ୍ଷା ବିକାଶ ଯୋଜନା
- **B.** B. ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ✓
- **C.** D. ଶିଶୁ ଶିକ୍ଷା ସମୃଦ୍ଧି ଅଭିଯାନ ଯୋଜନା
- **D.** A. ଗୋଦାବରୀଶ ମିଶ୍ର ପ୍ରାଥମିକ ଶିକ୍ଷା ସମୃଦ୍ଧି ଯୋଜନା

**Q25** GA

ପୁରୀର ବର୍ତ୍ତମାନର ଜଗନ୍ନାଥ ମନ୍ଦିର ନିର୍ମାଣର ଶ୍ରେୟ କେଉଁ ପୂର୍ବ ଗଙ୍ଗ ଶାସକଙ୍କୁ ଦିଆଯାଏ?

- **A.** B. ନରସିଂହ ଦେବ I
- **B.** D. ଅନଙ୍ଗଭିମ ଦେବ III
- **C.** A. ଅନନ୍ତବର୍ମନ ଚୋଡଗଙ୍ଗ ଦେବ ✓
- **D.** C. କପିଳେନ୍ଦ୍ର ଦେବ

**Q26** GA

ସଠିକ ବିକଳ୍ପ ବାଛି ଶୂନ୍ୟସ୍ଥାନ ପୂରଣ କରନ୍ତୁ ।
ଗାଜର ଓ ପାଚିଲା ଟମାଟୋ ଯଥାକ୍ରମେ କମଳା ଏବଂ ନାଲି ରଙ୍ଗର ଦେଖାଯାଆନ୍ତି, କାରଣ ସେମାନଙ୍କର କୋଷରେ ________ ଉପସ୍ଥିତ ଥାଏ ।

- **A.** B. ଲିକୋପ୍ଲାଷ୍ଟ (Leucoplasts) ସହିତ କ୍ୟାରୋଟିନଏଡ (carotenoid) ପିଗମେଣ୍ଟ
- **B.** C. କ୍ରୋମୋପ୍ଲାଷ୍ଟ (Chromoplasts ) ସହିତ କ୍ୟାରୋଟିନଏଡ (carotenoid) ପିଗମେଣ୍ଟ ✓
- **C.** D. କ୍ଲୋରୋପ୍ଲାଷ୍ଟ (Chloroplasts) ସହିତ କ୍ଲୋରୋଫିଲ (chlorophyll) ପିଗମେଣ୍ଟ
- **D.** A. କୌଣସି ପିଗମେଣ୍ଟ ବିନା ମାଇଟୋକଣ୍ଡ୍ରିଆ

**Q27** GA

ବରଫକୁ ଉତ୍ତପ୍ତ କଲେ କ'ଣ ହୁଏ?

- **A.** B. ଏହା ପ୍ରଥମେ ତରଳି ପାଣିରେ ପରିଣତ ହୁଏ ଏବଂ ପରେ ବାଷ୍ପରେ ବଦଳି ଯାଏ ✓
- **B.** C. ଏହା ସିଧାସଳଖ ଗ୍ୟାସରେ ପରିବର୍ତ୍ତିତ ହୁଏ
- **C.** A. ଏହା କଠିନ ଅବସ୍ଥାରେ ରହେ, କିନ୍ତୁ ଅଧିକ ଉଷ୍ମ ହୋଇଯାଏ
- **D.** D. ଏହା ଅନ୍ୟ ଏକ କଠିନ ପଦାର୍ଥରେ ପରିଣତ ହୁଏ

**Q28** GA

**ଗରମ, ଶୁଷ୍କ ଗ୍ରୀଷ୍ମ** ଏବଂ **ହାଲୁକା, ଆର୍ଦ୍ର ଶୀତ ଋତୁ** ଦ୍ୱାରା ବର୍ଣ୍ଣିତ ପ୍ରାକୃତିକ ଅଞ୍ଚଳକୁ କ'ଣ କୁହାଯାଏ?

- **A.** D. ବିଷୁବ ବୃତ୍ତିୟ ଅଞ୍ଚଳ
- **B.** B. ସାଭାନା ଅଞ୍ଚଳ
- **C.** C. ଷ୍ଟେପି ଅଞ୍ଚଳ
- **D.** A. ଭୂମଧ୍ୟସାଗରୀୟ ଅଞ୍ଚଳ ✓

**Q29** GA

ବଙ୍ଗୋପସାଗରରେ କେଉଁ ବିକାଶଶୀଳ ପାଣିପାଗ ପ୍ରଣାଳୀ ହେତୁ 26 ଅକ୍ଟୋବର 2025 ରେ ଓଡ଼ିଶା ସମସ୍ତ 30 ଟି ଜିଲ୍ଲାକୁ ସତର୍କ କରିଥିଲା?

- **A.** A. ପଶ୍ଚିମ ଲଘୁଚାପ ବିଶୃଙ୍ଖଳା
- **B.** B. ପ୍ରବଳ ଲଘୁଚାପ (Deep depression) ✓
- **C.** D. ତାପଜ ଗମ୍ବୁଜ (Heat dome)
- **D.** C. ଧୂଳି ଝଡ଼

**Q30** GA

7ମ ୟୁରୋପୀୟ ରାଜନୈତିକ ସମ୍ପ୍ରଦାୟ ଶିଖର ସମ୍ମିଳନୀ (European Political Community Summit) 2 ଅକ୍ଟୋବର 2025 ରେ କେଉଁ ସହରରେ ଅନୁଷ୍ଠିତ ହୋଇଥିଲା?

- **A.** A. ବ୍ରସେଲସ
- **B.** C. କୋପେନହାଗେନ ✓
- **C.** B. ଭିଏନା
- **D.** D. ଆମଷ୍ଟରଡାମ

Blackbook Vocabulary — Now in the App! ► Download Now on Google Play

generated by rank.qmaths.in

**Q31** GA

ଅକ୍ଟୋବର 2025 ରେ କେଉଁ ରାଜ୍ୟ ସରକାର "ଓରୁନୋଦୋଇ 3.0 (Orunodoi 3.0)" ଆରମ୍ଭ କରିଥିଲେ, ଯାହା ଦ୍ୱାରା ପ୍ରାୟ 38 ଲକ୍ଷ ହିତାଧିକାରୀଙ୍କୁ ପ୍ରତି ମାସରେ ₹1,250 ପ୍ରଦାନ କରିବା ପାଇଁ ଏକ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (DBT) କରିବା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା?

- **A.** A. ଆସାମ ✓
- **B.** B. ପଶ୍ଚିମବଙ୍ଗ
- **C.** C. ରାଜସ୍ଥାନ
- **D.** D. ଓଡ଼ିଶା

**Q32** GA

ନିମ୍ନଲିଖିତ ମଧ୍ୟରୁ କେଉଁଟି ଏକ ନବୀକରଣ ଯୋଗ୍ୟ ଉତ୍ସର (renewable resource) ସ୍ଥାୟୀ ବ୍ୟବହାରକୁ ସର୍ବୋତ୍ତମ ଭାବରେ ଚିତ୍ରଣ କରେ?

- **A.** B. ସମୁଦାୟ ବାର୍ଷିକ ମୌସୁମୀ ପୁନର୍ଭରଣ (recharge) ଠାରୁ ଅଧିକ ଦ୍ରୁତ ଗତିରେ ଭୂତଳ ଜଳ ନିଷ୍କାସନ କରିବା।
- **B.** C. ଗୋଟିଏ ଜଙ୍ଗଲରୁ ଏପରି ଏକ ନିର୍ଦ୍ଦିଷ୍ଟ ହାରରେ କାଠ କାଟିବା, ଯାହାଦ୍ୱାରା ପ୍ରାକୃତିକ ପୁନଃଉତ୍ପାଦନ ସହଜରେ ହୋଇପାରିବ। ✓
- **C.** A. ଜମିକୁ ପଡ଼ିଆ ନ ଛାଡ଼ି କିମ୍ବା ଜୈବିକ ସାର ବ୍ୟବହାର ନ କରି, କ୍ରମାଗତ ଭାବରେ ଗୋଟିଏ ପ୍ରକାରର ଫସଲ ଚାଷ କରିବା।
- **D.** D. ସ୍ଥାନୀୟ ସାମୁଦ୍ରିକ ପରିସଂସ୍ଥାକୁ ସ୍ଥାୟୀ ଭାବରେ ବାଧାପ୍ରାପ୍ତ କରିବା ପାଇଁ ଜୁଆର ଶକ୍ତିର ବ୍ୟବହାର।

**Q33** GA

ସଙ୍ଗମ ସାହିତ୍ୟ ମୁଖ୍ୟତଃ ନିମ୍ନଲିଖିତ କେଉଁ ବିଶେଷତା ଗୁଡ଼ିକ ଦ୍ୱାରା ପରିଚିତ?

- **A.** A. ଦେବତାମାନଙ୍କୁ କେନ୍ଦ୍ର କରି ପୌରାଣିକ କାହାଣୀଗୁଡ଼ିକ
- **B.** D. ଧାର୍ମିକ ମତବାଦ ଏବଂ ଦାର୍ଶନିକ ଶିକ୍ଷା
- **C.** C. ସ୍ୱତନ୍ତ୍ର ଭକ୍ତି କବିତା
- **D.** B. ପ୍ରେମ ଏବଂ ବୀରତ୍ୱ ପରି ଧର୍ମନିରପେକ୍ଷ ବିଷୟବସ୍ତୁ ✓

**Q34** GA

ଭାରତରେ ଲୋକ ସଙ୍ଗୀତର ବିଭିନ୍ନତାକୁ ନିମ୍ନଲିଖିତ ମଧ୍ୟରୁ କେଉଁଟି ସର୍ବୋତ୍ତମ ଭାବରେ ବ୍ୟାଖ୍ୟା କରେ?

- **A.** C. ଆଞ୍ଚଳିକ ପରିଚୟର ଅଭାବ
- **B.** B. ବିଭିନ୍ନ ପ୍ରକାରର ସାମାଜିକ, ବୃତ୍ତିଗତ ଏବଂ ସାଂସ୍କୃତିକ ପ୍ରସଙ୍ଗ ✓
- **C.** A. ବିଭିନ୍ନ ଅଞ୍ଚଳରେ ସମାନ ସାଂସ୍କୃତିକ ପ୍ରଥା
- **D.** D. କେବଳ ଶାସ୍ତ୍ରୀୟ ସଙ୍ଗୀତ ପରମ୍ପରାର ପ୍ରଭାବ

**Q35** GA

ପୃଥିବୀ ଚନ୍ଦ୍ର ଉପରେ ଏକ ମହାକର୍ଷଣ ବଳ ପ୍ରୟୋଗ କରେ, ଯାହା ଫଳରେ ଏହା ଏହାର କକ୍ଷପଥରେ ଘୁରିଥାଏ। ନ୍ୟୁଟନଙ୍କ ତୃତୀୟ ନିୟମ ଅନୁଯାୟୀ, ପୃଥିବୀ ଉପରେ ଚନ୍ଦ୍ର ପ୍ରୟୋଗ କରିଥିବା ବଳର ତୁଳନା କିପରି ହୁଏ?

- **A.** C. ଚନ୍ଦ୍ରର ବସ୍ତୁତ୍ୱ କମ ଥିବାରୁ ଏହାର ପରିମାଣ କମ ହୋଇଥାଏ
- **B.** D. ପୃଥିବୀ ବିଶାଳ ହୋଇଥିବାରୁ ଏହା ବୃହତ୍ତର ଅଟେ
- **C.** B. ଏହା ପରିମାଣରେ ସମାନ କିନ୍ତୁ ବିପରୀତ ଦିଗରେ କାର୍ଯ୍ୟ କରେ ✓
- **D.** A. ପୃଥିବୀ ପ୍ରାୟ ସ୍ଥିର ଥିବାରୁ ଏହା ଶୂନ ଅଟେ

**Q36** GA

ପାକ ପ୍ରଣାଳୀ ନାମରେ ପରିଚିତ ଏକ ସଂକୀର୍ଣ୍ଣ ଜଳାଶୟ ଦ୍ୱାରା କେଉଁ ଦୁଇଟି ଦେଶ ପୃଥକ ହୋଇଛନ୍ତି?

- **A.** A. ଭାରତ ଓ ବାଂଲାଦେଶ
- **B.** C. ଭାରତ ଓ ଶ୍ରୀଲଙ୍କା ✓
- **C.** B. ଭାରତ ଓ ମାଳଦ୍ୱୀପ
- **D.** D. ଭାରତ ଓ ମିଆଁମାର

**Q37** GA

ସମୁଦ୍ରଠାରୁ ଦୂରତା ବୃଦ୍ଧି ପାଇବା ସହିତ ମହାଦେଶୀୟ ଭୂଭାଗ ଉପରେ ଜଳବାୟୁର କ'ଣ ପ୍ରଭାବ ପଡ଼େ?

- **A.** D. ମହାଦେଶୀୟତା (continentality) ସୃଷ୍ଟି କରେ ✓
- **B.** B. ସମ ତାପମାତ୍ରାର କାରଣ ହୋଇଥାଏ
- **C.** A. ବୃଷ୍ଟିପାତ ବୃଦ୍ଧି ପାଇଥାଏ
- **D.** C. ଅଞ୍ଚଳକୁ ଆର୍ଦ୍ର କରିଥାଏ

**Q38** GA

ଭାରତ ସରକାର ଅଧିନିୟମ, 1935 ଅନୁଯାୟୀ କେଉଁ ସରକାରୀ ସଂସ୍ଥା ସ୍ୱୟଂଶାସିତ କ୍ଷମତା ପାଇଥିଲା?

- **A.** D. କେନ୍ଦ୍ର ସରକାର
- **B.** C. ପ୍ରାଦେଶିକ ସରକାର ✓
- **C.** B. ମ୍ୟୁନିସିପାଲ ସରକାର
- **D.** A. ଜିଲ୍ଲା ପ୍ରଶାସନ

**Q39** GA

ଦାରିଦ୍ର୍ୟରେ ବଞ୍ଚୁଥିବା ଲୋକଙ୍କୁ ଚିହ୍ନଟ କରିବା ପାଇଁ ବ୍ୟବହୃତ ଏକ ସର୍ବନିମ୍ନ ଆୟ ସୀମାକୁ _________ କୁହାଯାଏ।

- **A.** A. ଦାରିଦ୍ର୍ୟ ସୀମାରେଖା ✓
- **B.** C. ଦାରିଦ୍ର୍ୟ ସୂଚକାଙ୍କ
- **C.** D. ଦାରିଦ୍ର୍ୟ ବ୍ୟବଧାନ
- **D.** B. ଦାରିଦ୍ର୍ୟ ଗମ୍ଭୀରତା ସୂଚକାଙ୍କ

**Q40** GA

1857 ପରେ ଦେଶୀୟ ରାଜ୍ୟ ଗୁଡ଼ିକ ପ୍ରତି ବ୍ରିଟିଶ ନୀତିରେ କ'ଣ ପରିବର୍ତ୍ତନ ଆସିଥିଲା?

- **A.** C. ଅଧିକ ଅଧିଗ୍ରହଣ
- **B.** D. ବିଦ୍ରୋହର ପ୍ରୋତ୍ସାହନ
- **C.** A. ଉତ୍ତରାଧିକାରୀମାନଙ୍କୁ ପୋଷ୍ୟ ଗ୍ରହଣ କରିବାର ଅଧିକାର ପୁନଃସ୍ଥାପିତ ହୋଇଥିଲା। ✓
- **D.** B. ସମ୍ପୂର୍ଣ୍ଣ ସ୍ୱାଧୀନତା ପ୍ରଦାନ କରାଯାଇଥିଲା

Blackbook Vocabulary — Now in the App! ▶ Download Now on Google Play

## English

**Q41** English

Select the option that can be used as a one-word substitute for the underlined group of words.

They seemed to be not conscious of all the dangers of the Guna caves.

- **A.** B. obvious
- **B.** C. oblivious ✓
- **C.** A. obeisance
- **D.** D. obviously

**Q42** English

Select the option that can be used as a one-word substitute for the underlined group of words in the given sentence.

He gave a/an speech in praise of someone who had passed away.

- **A.** A. dialogue
- **B.** B. oration
- **C.** D. tribute
- **D.** C. eulogy ✓

**Q43** English

Parts of a sentence are given below. While the first part is in the correct place, the remaining parts (labelled P, Q, R and S) are jumbled up. Arrange the parts in the correct order to form a meaningful and coherent sentence.

Critical thinking enables individuals to make better decisions
P: by carefully analysing available information
Q: and questioning assumptions that may distort judgement
R: while considering multiple perspectives
S: to arrive at a well-reasoned conclusion

- **A.** C. P R Q S ✓
- **B.** A. P Q S R
- **C.** D. S P Q R
- **D.** B. Q S R P

**Q44** English

Read the sentence carefully and choose the word that is opposite in meaning to the word in bold.
The scientist remained **skeptical** about the initial findings of the experiment.

- **A.** D. doubtful
- **B.** B. cautious
- **C.** A. uncertain
- **D.** C. convinced ✓

Blackbook Vocabulary — Now in the App! ► Download Now on Google Play
generated by rank.qmaths.in

**Q45** English

Choose the correct idiom to substitute the underlined word segment in the following sentence.
After months of illness, the beloved teacher finally left this world peacefully, surrounded by her family.

- **A.** A. turned over a new leaf
- **B.** B. hit the road
- **C.** C. threw in the towel
- **D.** D. went to a better place ✓

**Q46** English

Complete the sentence by choosing the correct option.
By the time the guests arrive, Rina_____ all the decorations.

- **A.** D. will do
- **B.** B. will be doing
- **C.** C. will have done ✓
- **D.** A. will have been doing

**Q47** English

Choose the correct idiom to replace the underlined part of the following sentence.
She was able to resolve the issue by looking at the situation from a completely new perspective.

- **A.** C. thinking outside the box ✓
- **B.** B. being under the weather
- **C.** A. being in the nick of time
- **D.** D. jumping on the bandwagon

**Q48** English

Choose the correct direct form of the following sentence from the given options.

Reena told me that she wanted to go to Canada the following year.

- **A.** A. Reena told, "I wanted to go to Canada the following year."
- **B.** C. Reena said to me, “I want to go to Canada next year.” ✓
- **C.** B. Reena mentioned, "I hoped to visit Canada the following year."
- **D.** D. Reena said, "I have been planning to go to Canada the next year."

**Q49** English

The incorrectly spelt word has been underlined in the sentence given. Choose the correct spelling of the underlined word.

The leader realized that opposition would exacerbat the tenuous peace.

- **A.** D. excerbate
- **B.** A. exacerbate ✓
- **C.** B. exacerbayte
- **D.** C. exacebate

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

**Q50** English

Parts of a sentence are given below in jumbled order. Arrange the parts in the correct order to form a meaningful sentence.

P= Or the lush green heights of the Western Ghats with cool trekking trails,
Q= Tall peaks to conquer stretches of white water for the adventure seekers
R= There are spectacular retreats amidst the heady beauty of the Himalayas
S= In summer, when the subcontinent is sizzling

- **A.** B. SRPQ ✓
- **B.** D. RQSP
- **C.** C. RSQP
- **D.** A. PSQR

**Q51** English

Select the correct passive voice form of the given sentence.
She is writing a letter to her friend.

- **A.** A. A letter is written by her to her friend.
- **B.** D. A letter has been written by her to her friend.
- **C.** B. A letter was being written by her to her friend.
- **D.** C. A letter is being written by her to her friend. ✓

**Q52** English

> Read the passage carefully and answer the questions that follow.
>
> ADHD affects how the brain handles attention, motivation, and self-control. For some, this means racing thoughts, missed deadlines, and constant restlessness. For others, it feels like a fog of distraction that makes following through on tasks frustratingly difficult.
>
> Brain imaging studies in people with ADHD show subtle differences in how attention and reward circuits communicate. These systems rely on chemical messengers such as dopamine and noradrenaline. When the signalling of these messengers is less efficient, even simple, everyday tasks become harder to start and sustain.
>
> Medicines such as methylphenidate (Ritalin) and lisdexamfetamine (Vyvanse) increase dopamine and noradrenaline activity in the brain, thereby enhancing focus, motivation, and impulse control. Large clinical reviews also show wider benefits, including reduced risks of depression, substance misuse, and even criminal behaviour in people with ADHD.

Which of the following is the most appropriate title for the passage?

- **A.** B. Childhood Behavioural Disorders
- **B.** A. Understanding ADHD and Its Treatment ✓
- **C.** C. The History of Brain Imaging
- **D.** D. Depression and Substance Misuse

**Q53** English

Which option best summarises the passage?

- **A.** A. ADHD only affects children's ability to behave appropriately.
- **B.** D. ADHD results from poor discipline and lack of motivation.
- **C.** B. ADHD involves differences in brain signalling that affect attention. ✓
- **D.** C. ADHD can always be cured with medicine.

Blackbook Vocabulary — Now in the App! ► Download Now on Google Play

**Q54** English

Which of the following statements is stated in the passage?

- **A.** C. ADHD affects only academic performance and the ability to work.
- **B.** D. Dopamine and noradrenaline play a role in attention and reward circuits. ✓
- **C.** A. Brain imaging cannot detect ADHD-related changes even with the latest technology.
- **D.** B. ADHD medicines improve functioning but reduce brain function.

**Q55** English

Why do everyday tasks become difficult for people with ADHD, according to the passage?

- **A.** A. Their intelligence is lower than average that affects people's ability to function.
- **B.** B. Their brain chemistry reduces effective communication in attention-related circuits. ✓
- **C.** D. They have compromised immune systems that can prove debilitating.
- **D.** C. They lack interest in learning and the motivation to perform tasks.

**Q56** English

Choose the antonym of the word "subtle" as used in the passage.

- **A.** B. Minor
- **B.** A. Slight
- **C.** C. Gradual
- **D.** D. Obvious ✓

**Q57** English

Choose the word that is opposite in meaning to the underlined word.

The evidence provided by the prosecutor was <u>irrefutable.</u>

- **A.** B. indisputable
- **B.** A. unarguable
- **C.** C. decisive
- **D.** D. questionable ✓

**Q58** English

Select the most appropriate option to fill in the blank.

The book is placed _________ the shelf next to the window.

- **A.** A. on ✓
- **B.** B. at
- **C.** C. into
- **D.** D. by

Blackbook Vocabulary — Now in the App! ► Download Now on Google Play

**Q59** English

Select the most appropriate article to fill in the blank. If no article is required, select 'no article required'.
Sita took ___ umbrella because it was raining.

- **A.** D. an ✓
- **B.** A. the
- **C.** B. no article required
- **D.** C. a

**Q60** English

Select the most appropriate option to fill in the blank.

Despite being trained thoroughly, she ______ commits minor mistakes in calculations—though not every time, but just frequently enough to lower her report accuracy.

- **A.** D. always
- **B.** A. daily
- **C.** B. often ✓
- **D.** C. never

## Odia

**Q61** Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକ ମଧ୍ୟରୁ ଦିଆଯାଇଥିବା ଓଡ଼ିଆ ବାକ୍ୟର ସଠିକ୍ ଇଂରାଜୀ ଅନୁବାଦ ବାଛନ୍ତୁ:
ପିଠାପୁଲି ଓଡ଼ିଶାର ଏକ ପାରମ୍ପାରିକ ମିଠା ଅଟେ ।

- **A.** D. Pithapuli is a traditional sweet of Odisha. ✓
- **B.** B. Pithapuli are tradition sweet Odisha.
- **C.** C. Pithapuli be sweet traditional of Odisha.
- **D.** A. Pithapuli is one traditional sweets.

**Q62** Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକରୁ ଦିଆଯାଇଥିବା ଇଂରାଜୀ ବାକ୍ୟଟିର ସଠିକ୍ ଓଡ଼ିଆ ଅନୁବାଦ ବାଛନ୍ତୁ:
Many Indian authors have written famous novels in English.

- **A.** B. ଅନେକ ଭାରତୀୟ ଲେଖକମାନେ ଇଂରାଜୀରେ ସୁପରିଚିତ ଉପନ୍ୟାସଗୁଡିକ ଲେଖିଛନ୍ତି। ✓
- **B.** C. ଅନେକ ଭାରତୀୟ ଲେଖକ ଉପନ୍ୟାସ ପଢ଼ିନାହାନ୍ତି।
- **C.** D. ଭାରତୀୟ ଲେଖକମାନେ କେବଳ ହିନ୍ଦିରେ ଲେଖନ୍ତି।
- **D.** A. ଭାରତୀୟ ଲେଖକମାନେ ଗୀତ ଲେଖନ୍ତି।

**Q63** Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକରୁ ଦିଆଯାଇଥିବା ଇଂରାଜୀ ବାକ୍ୟଟିର ସଠିକ୍ ଓଡ଼ିଆ ଅନୁବାଦ ବାଛନ୍ତୁ:
The Brihadeeswarar Temple in Tamil Nadu is dedicated to Lord Shiva.

- **A.** D. ତାମିଲନାଡ଼ୁରୁ ବୃହଦେଶ୍ୱର ମନ୍ଦିର ଭଗବାନ ଶିବଙ୍କ ପାଇଁ ସମର୍ପିତ ଅଟେ। ✓
- **B.** A. ତାମିଲନାଡୁ ବୃହଦୀଶ୍ୱର ମନ୍ଦିର ଭଗବାନ ଶିବକୁ ଉତ୍ସର୍ଗିତ ହେଲା।
- **C.** B. ତାମିଲନାଡୁର ବୃହଦୀଶ୍ୱର ମନ୍ଦିର ଭଗବାନ ଶିବ ଉତ୍ସର୍ଗିତ ଅଛି।
- **D.** C. ତାମିଲନାଡୁ ବୃହଦୀଶ୍ୱର ମନ୍ଦିର ଭଗବାନ ଶିବଙ୍କ ପାଇଁ ଉତ୍ସର୍ଗ କରିଲା।

Blackbook Vocabulary — Now in the App! ▶ Download Now on Google Play

**Q64** Odia

> ନିମ୍ନଲିଖିତ ଅନୁଚ୍ଛେଦର ବିଷୟବସ୍ତୁକୁ ଭଲଭାବରେ ପଢ଼ । ତା ତଳେ ପ୍ରଦତ୍ତ ପ୍ରତ୍ୟେକ ପ୍ରଶ୍ନର ଚାରିଟି ସମ୍ଭାବିତ ଉତ୍ତର ମଧ୍ୟରୁ ସଠିକ ଉତ୍ତରକୁ ଚୟନ କରନ୍ତୁ ।
>
> ଭାରତରେ ଜୈବିକ କୃଷି ସାମ୍ପ୍ରତିକ ବର୍ଷଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ଗତି ପାଇଛି କାରଣ ଲୋକମାନେ ସୁସ୍ଥ ଖାଦ୍ୟ ଏବଂ ପରିବେଶଗତ ସ୍ଥାୟୀତ୍ୱର ଗୁରୁତ୍ୱ ବିଷୟରେ ଅଧିକ ସଚେତନ ହୋଇଛନ୍ତି। ଜୈବିକ କୃଷି ହେଉଛି ଏପରି ଚାଷ ପଦ୍ଧତି ଯାହା ରାସାୟନିକ ସାର, କୀଟନାଶକ ଏବଂ ଜେନେଟିକାଲ୍ ପରିବର୍ତ୍ତିତ ବିହନ ବ୍ୟବହାରକୁ ଏଡ଼ାଇ ଦିଏ। ଏହା ବଦଳରେ, ଏହା ଫସଲ ଘୂର୍ଣ୍ଣନ, ଚାଷକ୍ଷେତ୍ର ଖତ ବ୍ୟବହାର, ଜୈବିକ ସାର, ସବୁଜ ସାର ଏବଂ ଜୈବିକ କୀଟପତଙ୍ଗ ନିୟନ୍ତ୍ରଣ ଭଳି ପ୍ରାକୃତିକ ଅଭ୍ୟାସ ଉପରେ ଧ୍ୟାନ ଦିଏ। ଏହି ବ୍ୟବସ୍ଥା ମାଟିର ଉର୍ବରତାକୁ ପ୍ରୋତ୍ସାହିତ କରେ, ଜୈବିକ ବିବିଧତାକୁ ଉନ୍ନତ କରେ ଏବଂ କୃଷି ଜମିର ଦୀର୍ଘକାଳୀନ ସ୍ୱାସ୍ଥ୍ୟକୁ ସୁନିଶ୍ଚିତ କରେ।
>
> ଭାରତରେ ପ୍ରାକୃତିକ କୃଷି ପଦ୍ଧତିର ଏକ ସମୃଦ୍ଧ ପରମ୍ପରା ଅଛି, ଏବଂ ଆଧୁନିକ ଜୈବିକ କୃଷି ଏହି ପୁରୁଣା ପଦ୍ଧତିଗୁଡ଼ିକୁ ବୈଜ୍ଞାନିକ ଉପାୟରେ ପୁନର୍ଜୀବିତ କରିଥାଏ । ସିକିମ୍ ରାଜ୍ୟ 2016 ରେ ବିଶ୍ୱର ପ୍ରଥମ ସମ୍ପୂର୍ଣ୍ଣ ଜୈବିକ ରାଜ୍ୟ ଭାବେ ପରିଗଣିତ ହୋଇଥିଲା ଏବଂ ଜୈବିକ ପଦ୍ଧତିଗୁଡ଼ିକୁ ବଡ଼ ପରିମାଣରେ କାର୍ଯ୍ୟକାରୀ କରାଯାଇପାରିବ ବୋଲି ଦର୍ଶାଇଥିଲା । ରାଜସ୍ଥାନ, କର୍ଣ୍ଣାଟକ, ମହାରାଷ୍ଟ୍ର ଏବଂ ଉତ୍ତରାଖଣ୍ଡ ଭଳି ଅନ୍ୟାନ୍ୟ ରାଜ୍ୟ ମଧ୍ୟ ଜୈବିକ କୃଷିରେ ପ୍ରମୁଖ ଅବଦାନକାରୀ। ଭାରତ ସରକାର ପରମ୍ପରାଗତ କୃଷି ବିକାଶ ଯୋଜନା (PKVY) ଏବଂ ଉତ୍ତର ପୂର୍ବ କ୍ଷେତ୍ର ପାଇଁ ମିଶନ ଜୈବିକ ମୂଲ୍ୟ ଶୃଙ୍ଖଳା ବିକାଶ (MOVCD-NER) ଭଳି ଯୋଜନା ମାଧ୍ୟମରେ ଜୈବିକ କୃଷିକୁ ସକ୍ରିୟ ଭାବରେ ପ୍ରୋତ୍ସାହିତ କରୁଛନ୍ତି, ଯାହା ଚାଷୀମାନଙ୍କୁ ସ୍ଥାୟୀ ଅଭ୍ୟାସ ଗ୍ରହଣ କରିବାରେ ଏବଂ ଉତ୍ତମ ବଜାରରେ ପହଞ୍ଚିବାରେ ସାହାଯ୍ୟ କରେ।
>
> ରାସାୟନିକ-ମୁକ୍ତ ଖାଦ୍ୟ ପାଇଁ ଗ୍ରାହକଙ୍କ ଚାହିଦା ବୃଦ୍ଧି ପାଉଥିବାରୁ ଘରୋଇ ଏବଂ ଆନ୍ତର୍ଜାତୀୟ ବଜାରରେ ଜୈବିକ ଉତ୍ପାଦର ଅଧିକ ଅନୁସନ୍ଧାନ କରାଯାଉଛି। ତଥାପି, ଜୈବିକ କୃଷି କମ୍ ପ୍ରାରମ୍ଭିକ ଅମଳ, ମାଟି ପୁନରୁଦ୍ଧାର ପାଇଁ ଅଧିକ ପରିବର୍ତ୍ତନ ସମୟ ଏବଂ ଚାଷୀଙ୍କ ପାଇଁ ସୀମିତ ବଜାର ସଂଯୋଗ ଭଳି ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି। ଏହି ଅସୁବିଧା ସତ୍ତ୍ୱେ, ଜୈବିକ କୃଷି ଦୀର୍ଘକାଳୀନ ସୁବିଧା ପ୍ରଦାନ କରେ, ଯେଉଁଥିରେ ଉତ୍ତମ ଫସଲ, ଉନ୍ନତ ମାଟି ଗଠନ, ପରିବେଶଗତ ସନ୍ତୁଳନ ଏବଂ ଭବିଷ୍ୟତରେ ଚାଷୀଙ୍କ ପାଇଁ ଉତ୍ତମ ଜୀବିକା ଅନ୍ତର୍ଭୁକ୍ତ। ନିରନ୍ତର ସମର୍ଥନ ଏବଂ ସଚେତନତା ସହିତ, ଭାରତରେ ଜୈବିକ କୃଷି ଆହୁରି ବୃଦ୍ଧି ପାଇବ ଏବଂ ସ୍ଥାୟୀ କୃଷି ଏବଂ ଖାଦ୍ୟ ସୁରକ୍ଷାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି।

ଜୈବିକ କୃଷି _____ ର ବ୍ୟବହାରକୁ ଏଡାଏ।

- **A.** B. ପ୍ରାକୃତିକ ସାର
- **B.** C. ରାସାୟନିକ ସାର ✓
- **C.** A. ଫସଲ ପରିବର୍ତ୍ତନ
- **D.** D. କମ୍ପୋଷ୍ଟ

**Q65** Odia

କେଉଁ ରାଜ୍ୟ ପ୍ରଥମ ସମ୍ପୂର୍ଣ୍ଣ ଜୈବିକ ରାଜ୍ୟ ହୋଇଥିଲା?

- **A.** C. କର୍ଣ୍ଣାଟକ
- **B.** A. ପଞ୍ଜାବ
- **C.** B. ସିକିମ ✓
- **D.** D. କେରଳ

**Q66** Odia

ଜୈବିକ କୃଷି _____ କୁ ପ୍ରୋତ୍ସାହିତ କରେ।

- **A.** C. ମାଟି ପ୍ରଦୂଷଣ
- **B.** D. ଜୈବିକ ବିବିଧତା ✓
- **C.** A. ରାସାୟନିକ ନିର୍ଭରଶୀଳତା
- **D.** B. ବୃଦ୍ଧି ପାଉଥିବା କୀଟନାଶକ ବ୍ୟବହାର

**Q67** Odia

PKVY ଯୋଜନା କାହା ସହିତ ଜଡିତ?

- **A.** B. ଶିଳ୍ପ ବିକାଶ
- **B.** C. ଜୈବିକ କୃଷି ✓
- **C.** A. ଡିଜିଟାଲ ଶିକ୍ଷା
- **D.** D. ସହରାଞ୍ଚଳ ଯୋଜନା

Blackbook Vocabulary — Now in the App! ► Download Now on Google Play

generated by rank.qmaths.in

**Q68** Odia

ଜୈବିକ କୃଷିରେ _____ଏକ ପ୍ରମୁଖ ଚ୍ୟାଲେଞ୍ଜ ହୋଇଛି |

A. B. ଶ୍ରମିକର ଆବଶ୍ୟକତା ନାହିଁ

B. A. ପ୍ରାରମ୍ଭିକ ଉତ୍ପାଦନ କମ୍ ✓

C. C. ଅତ୍ୟଧିକ ରାସାୟନିକ ବ୍ୟବହାର

D. D. ବଜାର ଚାହିଦା ନାହିଁ

**Q69** Odia

ଦେଶ ସ୍ୱାଧୀନ ହୋଇଛି, କିନ୍ତୁ ଲୋକଙ୍କ ଲୋକଙ୍କ ଦୁଃଖ ଦୂର ହୋଇନି- ଉକ୍ତ ବାକ୍ୟରେ ଅବ୍ୟୟ ପଦଟି ଚିହ୍ନଟ କର ?

A. C. ସ୍ୱାଧୀନ

B. B. ଲୋକ

C. D. ଦୂର

D. A. କିନ୍ତୁ ✓

**Q70** Odia

ନିମ୍ନରେ ଦିଆଯାଇଥିବା ଶବ୍ଦ ମଧ୍ୟରୁ କେଉଁଟି ତଦଭବ ଶବ୍ଦ ଲେଖ ।

A. C. ବାପା ✓

B. D. ନବ

C. A. ବାମ

D. B. ନଦୀ

**Q71** Odia

ସଠିକ୍ ବନାନ ଥିବା ବାକ୍ୟଟି ଚିହ୍ନଟ କର ।

A. B. ଚାଲି ନଜାଣି ବାଟର ଦୋଶ ।

B. C. ବାଟର ଦୋସ ଚାଲି ନଜାଣି ।

C. A. ଦୋଶୀ ଚାଲି ନଜାଣି ବାଟର ।

D. D. ଚାଲି ନଜାଣି ବାଟର ଦୋଷ । ✓

**Q72** Odia

ନିମ୍ନଲିଖିତ ମଧ୍ୟରୁ ପରିମାଣସୂଚକ ଅବ୍ୟୟ ପଦ କେଉଁଟି ?

A. A. ସିନା

B. D. ସେମିତି

C. B. ସେବେ

D. C. ସେତିକି ✓

**Q73** Odia

'ସମୟସୂଚକ ଅବ୍ୟୟ' କାହାକୁ କୁହାଯାଏ ।

A. B. ଯେଉଁ ଅବ୍ୟୟ ସ୍ଥାନକୁ ବୁଝାଏ ।

B. D. ଯେଉଁ ଅବ୍ୟୟ କାରଣକୁ ବୁଝାଏ ।

C. C. ଯେଉଁ ଅବ୍ୟୟ ସମୟ ବା କାଳକୁ ବୁଝାଏ । ✓

D. A. ଯେଉଁ ଅବ୍ୟୟ ପରିମାଣକୁ ବୁଝାଏ ।

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

**Q74** Odia

'ଦଗା ଦେବା'- ରୂଢ଼ିଟିର ଅର୍ଥ କଣ?

A. C. ମିଛ କହିବା

B. D. ଚିହ୍ନ କରିବା

C. B. ଆଘାତ ଦେବା

D. A. ଠକିବା ✓

**Q75** Odia

ନିମ୍ନଲିଖିତ ମଧ୍ୟରୁ ତତ୍ସମ ଶବ୍ଦ କେଉଁଟି ?

A. A. ଭେଣ୍ଡି

B. B. ନେତ

C. C. ଥକା

D. D. ବାଷ୍ପ ✓

## Computer

**Q76** Computer

ଜଣେ ପ୍ରେଜେଣ୍ଟର ଏକ ଲେକ୍ଚର ପାଇଁ ପ୍ରସ୍ତୁତ ହେଉଛନ୍ତି ଏବଂ MS ପାୱାରପଏଣ୍ଟ 2021 views ଆନାଲାଇଜ କରୁଛନ୍ତି । କେଉଁ ବିବୃତିଟି ଠିକ କିମ୍ବା ଭୁଲ ଅଟେ?
(i) Slide Sorter View ସମସ୍ତ ଅଣ-ସଂଲଗ୍ନ (non-adjacent) ସ୍ଲାଇଡ ଉପରେ ଏକକାଳୀନ ଟ୍ରାଞ୍ଜିସନ ଇଫେକ୍ଟ (ଯଥା 'Fade') ଆପ୍ଲାଏ କରିବାକୁ ଅନୁମତି ଦେଇଥାଏ, ଯାହାଦ୍ୱାରା ବଲ୍କ ଏଡିଟିଂ ସହଜ ହୋଇଥାଏ ।
(ii) ଯେତେବେଳେ ଏକ ପ୍ରେଜେଣ୍ଟେସନ ଆରମ୍ଭ ହୁଏ ଏବଂ କମ୍ପ୍ୟୁଟର ଏକ ସେକେଣ୍ଡାରୀ ଡିସପ୍ଲେ ସହିତ କନେକ୍ଟ ହୁଏ, ସେତେବେଳେ Presenter View ସ୍ୱୟଂକ୍ରିୟ ଭାବରେ ଆକ୍ଟିଭେଟ ହୋଇଥାଏ ।

A. A. (i) ଠିକ, (ii) ଠିକ

B. B. (i) ଠିକ, (ii) ଭୁଲ

C. C. (i) ଭୁଲ, (ii) ଠିକ

D. D. (i) ଭୁଲ, (ii) ଭୁଲ ✓

**Q77** Computer

ଆପଣଙ୍କର କଷ୍ଟମ ଟେମ୍ପଲେଟରେ ଥିବା ସମସ୍ତ ସ୍ଲାଇଡରେ ଏକାଭଳି ବ୍ୟାକଗ୍ରାଉଣ୍ଡ ଷ୍ଟାଇଲ, ଫଣ୍ଟ ଏବଂ ପ୍ଲେସହୋଲ୍ଡରର ପୋଜିସନ ନିଶ୍ଚିତ କରିବା ପାଇଁ MS ପାୱାରପଏଣ୍ଟର କେଉଁ ଫିଚର ବ୍ୟବହୃତ ହୋଇଥାଏ?

A. D. Slide Sorter view

B. B. Slide Show tab

C. C. Slide Master view ✓

D. A. Transitions tab

**Q78** Computer

ଗୋଟିଏ ସ୍ଲାଇଡ ସୋ ଦେଖୁଥିବା ସମୟରେ, କେଉଁ କି ଚାପିଲେ ପରବର୍ତ୍ତୀ ସ୍ଲାଇଡକୁ (Next slide) ଯାଇହୁଏ?

A. B. H

B. D. Z

C. C. P

D. A. N ✓

**Q79** Computer

MS ୱାର୍ଡ 2020 ରେ କେଉଁ ଅପସନ ବ୍ୟବହାରକାରୀଙ୍କୁ ସ୍ପେସିଫିକ ପେଜ ସିଲେକ୍ଟ କରିବା, କପି ସେଟ କରିବା ଏବଂ ପ୍ରିଣ୍ଟର ସେଟିଂସ କନଫିଗର କରିବାକୁ ସୁଯୋଗ ଦେଇଥାଏ?

A. D. ପ୍ରିଣ୍ଟ ଡାଏଲଗ ବକ୍ସ ✓

B. B. ପେଜ ସେଟଅପ

C. C. ପ୍ରିଣ୍ଟ ପ୍ରିଭ୍ୟୁ

D. A. ସେଭ ଆଜ

**Q80** Computer

ନିମ୍ନଲିଖିତ ମଧ୍ୟରୁ କେଉଁଟି ଏକ ଇଣ୍ଟରନେଟ ସେବା ଭାବରେ ବିବେଚନା କରାଯାଏ ନାହିଁ?

A. D. ଇମେଲ

B. C. ୱାର୍ଲ୍ଡ ୱାଇଡ ୱେବ

C. B. ଫାଇଲ ଟ୍ରାନ୍ସଫର ପ୍ରୋଟୋକଲ (FTP)

D. A. ସ୍ପ୍ରେଡସିଟ କାଲକୁଲେସନ ✓

Blackbook Vocabulary — Now in the App! ▶ Download Now on Google Play

**Q81** Computer

ଇଣ୍ଟରନେଟରେ ତୁରନ୍ତ ଡିଜିଟାଲ ବାର୍ତ୍ତା (digital messages) ପଠାଇବା ଏବଂ ଗ୍ରହଣ କରିବା ପାଇଁ କମ୍ପ୍ୟୁଟରର କେଉଁ ସାଧାରଣ ଆପ୍ଲିକେସନ ବ୍ୟବହୃତ ହୁଏ?

- **A.** C. ୱାର୍ଡ ପ୍ରୋସେସିଂ
- **B.** B. କମ୍ପ୍ୟୁଟର ଗେମିଂ
- **C.** A. ସ୍ପ୍ରେଡଶିଟ
- **D.** D. ଇମେଲ ✓

**Q82** Computer

Which of the following software works as an interface between the user and computer hardware?

- **A.** C. MS PowerPoint
- **B.** D. MS Excel
- **C.** A. Operating System ✓
- **D.** B. MS Paint

**Q83** Computer

ସ୍ପଷ୍ଟତା ସୁନିଶ୍ଚିତ କରିବା ଏବଂ ଏକ ବୃତ୍ତିଗତ ଶୈଳୀ ବଜାୟ ରଖିବା ପାଇଁ ଏକ ଇ-ମେଲ ଫରୱାର୍ଡ କରିବା ସମୟରେ ସର୍ବୋତ୍ତମ ପଦ୍ଧତି କ'ଣ?

- **A.** A. ଏଡିଟ ନକରି ମେସେଜକୁ ଯେପରି ଅଛି ସେହିପରି ଫରୱାର୍ଡ କରିବା
- **B.** C. ମୂଳ ଇମେଲର ଅପ୍ରାସଙ୍ଗିକ ଅଂଶକୁ ଡିଲିଟ କରିବା ଏବଂ ଏକ ସଂକ୍ଷିପ୍ତ ବ୍ୟାଖ୍ୟା ଅନ୍ତର୍ଭୁକ୍ତ କରିବା ✓
- **C.** D. କେବଳ ମୂଳ ସେଣ୍ଡରଙ୍କୁ ରିପ୍ଲାଏ ଦେବା
- **D.** B. ସର୍ବଦା forwarding ପରିବର୍ତ୍ତେ "Reply All" ବ୍ୟବହାର କରିବା

**Q84** Computer

MS ୱାର୍ଡରେ 'Save' ଏବଂ 'Save As' ମଧ୍ୟରେ ଥିବା ପାର୍ଥକ୍ୟକୁ ନିମ୍ନଲିଖିତ ମଧ୍ୟରୁ କେଉଁଟି ସଠିକ ଭାବରେ ବର୍ଣ୍ଣନା କରେ?

- **A.** C. 'Save' ଡକ୍ୟୁମେଣ୍ଟର ଏକ ନୂତନ କପି ତିଆରି କରେ, ଯେତେବେଳେକି 'Save As' ବିଦ୍ୟମାନ ଫାଇଲକୁ ଅପଡେଟ କରେ ।
- **B.** B. 'Save' ଆପଣଙ୍କୁ ଫାଇଲର ନାମ ବଦଳାଇବାକୁ ଅନୁମତି ଦିଏ, ଯେତେବେଳେକି 'Save As' କରେ ନାହିଁ ।
- **C.** D. 'Save' କରେଣ୍ଟ ଡକ୍ୟୁମେଣ୍ଟକୁ ଅପଡେଟ କରେ, ଯେତେବେଳେକି 'Save As' ନୂତନ ନାମ, ସ୍ଥାନ କିମ୍ବା ଫର୍ମାଟ ସହିତ ସେଭ କରିବାକୁ ଅନୁମତି ଦିଏ । ✓
- **D.** A. 'Save' କେବଳ ଥରେ ବ୍ୟବହାର କରାଯାଇପାରିବ, କିନ୍ତୁ 'Save As' ଅନେକ ଥର ବ୍ୟବହାର କରାଯାଇପାରିବ ।

**Q85** Computer

ପ୍ରିଣ୍ଟର କେଉଁ ପ୍ରକାରର ଡିଭାଇସ ଅଟେ?

- **A.** C. ଇନପୁଟ
- **B.** A. ଆଉଟପୁଟ ✓
- **C.** D. ଷ୍ଟୋରେଜ
- **D.** B. ଉଭୟ ଇନପୁଟ ଏବଂ ଆଉଟପୁଟ

**Q86** Computer

ଏକ୍ସେଲ ରେ, $A$1 କେଉଁ ପ୍ରକାରର ରେଫରେନ୍ସ ଅଟେ?

- **A.** C. ରିଲେଟିଭ ରେଫରେନ୍ସ
- **B.** D. ଆବସଲ୍ୟୁଟ ରେଫରେନ୍ସ ✓
- **C.** B. ମିକ୍ସଡ ରେଫରେନ୍ସ
- **D.** A. ଡାଇନାମିକ ରେଫରେନ୍ସ

**Q87** Computer

ସଂକ୍ଷିପ୍ତରୂପ MAC ର ପୂର୍ଣ୍ଣରୂପ କ'ଣ?

- **A.** A. ମିଡିଆ ଆକସେସ୍ କଣ୍ଟ୍ରୋଲ (Media Access Control) ✓
- **B.** B. ମିଡିୟମ ଆକସେସ କଣ୍ଟ୍ରୋଲ (Medium Access Control)
- **C.** C. ମିଡିଆ ଅଥେଣ୍ଟିକେସନ କଣ୍ଟ୍ରୋଲ (Media Authentication Control)
- **D.** D. ମିଡିୟମ ଅଥେଣ୍ଟିକେସନ କଣ୍ଟ୍ରୋଲ (Medium Authentication Control)

**Q88** Computer

ପାରାଗ୍ରାଫ ଫର୍ମାଟିଙ୍ଗ ମୁଖ୍ୟତଃ ଏକ ଡକୁମେଣ୍ଟରେ କାହାକୁ ପ୍ରଭାବିତ କରେ?

- **A.** A. Font ସାଇଜ ଏବଂ କଲର
- **B.** B. ଟେକ୍ସଟ ବ୍ଲକଗୁଡିକର ଲେଆଉଟ ଏବଂ ଆଲାଇନମେଣ୍ଟ ✓
- **C.** C. ପେଜ ମାର୍ଜିନ
- **D.** D. କେବଳ ଏକ ଟେବୁଲ ଭିତରେ ଥିବା ଟେକ୍ସଟ

**Q89** Computer

MS ଏକ୍ସେଲ 2024 ରେ କଲମର ପ୍ରସ୍ଥ ପାଇଁ କେଉଁ ଡିଫଲ୍ଟ ୟୁନିଟ ବ୍ୟବହୃତ ହୁଏ?

- **A.** D. ପିକ୍ସେଲ
- **B.** A. କ୍ୟାରେକ୍ଟର ✓
- **C.** B. ଇଞ୍ଚ
- **D.** C. ସେଣ୍ଟିମିଟର

**Q90** Computer

MS ଏକ୍ସେଲରେ ଏକ ଫାଇନାନ୍ସିଆଲ ରିପୋର୍ଟରେ କାମ କରିବା ସମୟରେ ଜଣେ ୟୁଜର ଫାଇଲକୁ ଫର୍ମୁଲା, ଚାର୍ଟ ଏବଂ କାଣ୍ଡିସନାଲ ଫର୍ମାଟିଙ୍ଗ ଭଳି ଆଡଭାନ୍ସ ଫିଚରକୁ ସପୋର୍ଟ କରୁଥିବା ଏପରି ଏକ ଫର୍ମାଟରେ ସେଭ କରିବାକୁ ଚାହାଁନ୍ତି । ସମସ୍ତ ୱାର୍କବୁକ ଫିଚର ପ୍ରିଜର୍ଭ ହୋଇଥିବା ସୁନିଶ୍ଚିତ କରିବା ପାଇଁ କେଉଁ ଫାଇଲ ଏକ୍ସଟେନ୍ସନ ସିଲେକ୍ଟ କରିବାକୁ ପଡିବ?

- **A.** B. .csv
- **B.** C. .xlsx ✓
- **C.** D. .txt
- **D.** A. .xml

Blackbook Vocabulary — Now in the App! ▶ Download Now on Google Play

**Q91** Reasoning

ଏକ ନିର୍ଦ୍ଦିଷ୍ଟ କୋଡ୍ ଭାଷାରେ,
'P × Q' ର ଅର୍ଥ ' Q ର ବାପା P ଅଟେ'
'P – Q' ର ଅର୍ଥ ' Q ର ଭଉଣୀ P ଅଟେ'
'P + Q' ର ଅର୍ଥ ' Q ର ମାଆ P ଅଟେ'
'P ÷ Q' ର ଅର୍ଥ ' Q ର ଭାଇ P ଅଟେ' ।
ଯଦି 'V + M × L ÷ U' ହୁଏ, ତେବେ L ସମ୍ପର୍କରେ V ଙ୍କର କ'ଣ ହେବେ?

- A. B. ଭଉଣୀ
- B. D. ବାପା
- C. C. ଭାଇ
- D. A. ପୁଅର ପୁଅ ✓

**Q92** Reasoning

ସାତ ଜଣ ବ୍ୟକ୍ତି S, M, J, K, O, P ଏବଂ T,ଏକ ସଳଖ ଧାଡିରେ ଉତ୍ତର ଦିଗକୁ ମୁହଁ କରି ବସିଛନ୍ତି । S ଙ୍କ ବାମ ପାର୍ଶ୍ୱ ଦ୍ୱିତୀୟ ସ୍ଥାନରେ M ବସିଛନ୍ତି । J ଙ୍କ ବାମ ପାର୍ଶ୍ୱ ତୃତୀୟ ସ୍ଥାନରେ T ବସିଛନ୍ତି । M ଙ୍କ ବାମ ପାର୍ଶ୍ୱରେ କେବଳ ଜଣେ ବ୍ୟକ୍ତି ବସିଛନ୍ତି । K ଙ୍କ ଡାହାଣ ପାର୍ଶ୍ୱ ଦ୍ୱିତୀୟ ସ୍ଥାନରେ P ବସିଛନ୍ତି । ପ୍ରଦତ୍ତ ବ୍ୟବସ୍ଥା ଉପରେ ଆଧାରକରି ନିମ୍ନଲିଖିତ ଚାରୋଟି ମଧ୍ୟରୁ ତିନୋଟି ଏକ ନିର୍ଦ୍ଦିଷ୍ଟ ପ୍ରକାରେ ସଦୃଶ ଏବଂ ତେଣୁ ଏକ ଗୋଷ୍ଠୀ ଗଠନ କରନ୍ତି । କେଉଁ ବିକଳ୍ପଟି ସେହି ଗୋଷ୍ଠୀର ଅନ୍ତର୍ଭୁକ୍ତ ନୁହେଁ?

- A. C. OT
- B. B. SK ✓
- C. D. MS
- D. A. KP

**Q93** Reasoning

ଇଂରାଜୀ ବର୍ଣ୍ଣମାଳା କ୍ରମ ଆଧାରରେ COLD ଏକ ନିର୍ଦ୍ଦିଷ୍ଟ ଉପାୟରେ KWTL ସହିତ ସମ୍ପର୍କିତ । IURJ ସେହି ସମାନ ଉପାୟରେ QCZR ସହିତ ସମ୍ପର୍କିତ । ସମାନ ତର୍କ ଅନୁସରଣ କରି ନିମ୍ନଲିଖିତ ବିକଳ୍ପଗୁଡ଼ିକ ମଧ୍ୟରୁ କେଉଁଟି ସହିତ GSPH ସମ୍ପର୍କିତ ହେବ ?

- A. A. OAXP ✓
- B. C. OSWE
- C. B. OCDX
- D. D. ONJU

**Q94** Reasoning

ସାତଟି ବାକ୍ସ I, J, K, L, W, X ଏବଂ Y କୁ ଗୋଟିଏ ଉପରେ ଅନ୍ୟଟି ରଖାଯାଇଛି କିନ୍ତୁ ସମାନ କ୍ରମରେ ରଖିବା ଜରୁରୀ ନୁହେଁ । Y ର ଠିକ ଉପରେ J କୁ ରଖାଯାଇଛି । W ର ଠିକ ଉପରେ X କୁ ରଖାଯାଇଛି । I ଉପରେ କେବଳ L କୁ ରଖାଯାଇଛି । J ଉପରେ କେବଳ ଦୁଇଟି ବାକ୍ସ ରଖାଯାଇଛି । ନିମ୍ନରୁ ତୃତୀୟ ସ୍ଥାନରେ X କୁ ରଖାଯାଇ ନାହିଁ । K ଓ L ମଧ୍ୟରେ କେତୋଟି ବାକ୍ସ ରଖାଯାଇଛି ?

- A. A. ଏକ
- B. D. ଦୁଇ
- C. B. ତିନି ✓
- D. C. ଚାରି

**Q95** Reasoning

ପ୍ରଦତ୍ତ ଅନୁକ୍ରମକୁ ତର୍କସିଦ୍ଧ ଭାବେ ସଂପୂର୍ଣ୍ଣ କରିବା ପାଇଁ ନିମ୍ନ ଲିଖିତ ଅକ୍ଷର-ସଂଖ୍ୟା ପୁଞ୍ଜ ମଧ୍ୟରୁ କେଉଁଟିକୁ ପ୍ରଶ୍ନଚିହ୍ନ (?) ସ୍ଥାନରେ ସ୍ଥାପିତ କରାଯାଇପାରିବ?

NHM 87, PKP 81, RNS 75, TQV 69, ?

- A. C. UTZ 61
- B. D. WSY 63
- C. B. WUX 61
- D. A. VTY 63 ✓

**Q96** Reasoning

ଯଦି + ର ଅର୍ଥ –, – ର ଅର୍ଥ ×, × ର ଅର୍ଥ ÷, ଏବଂ ÷ ର ଅର୍ଥ +, ହୁଏ ତେବେ ନିମ୍ନଲିଖିତ ସମୀକରଣରେ ପ୍ରଶ୍ନ ଚିହ୍ନ (?) ସ୍ଥାନରେ କ'ଣ ହେବ?

95 - 2 ÷ 9 + 28 x 7 = ?

- A. B. 137
- B. D. 141
- C. A. 162
- D. C. 195 ✓

**Q97** Reasoning

ଏକ ନିର୍ଦ୍ଦିଷ୍ଟ କୋଡ ଭାଷାରେ 'SLIE' କୁ '31' ଭାବରେ ଏବଂ 'XOAJ' କୁ '36' ଭାବରେ କୋଡ କରାଯାଇଛି । ପ୍ରଦତ୍ତ କୋଡ ଭାଷାରେ 'MGPV' ପାଇଁ କୋଡ କ'ଣ ହେବ?

- A. A. 44 ✓
- B. C. 40
- C. D. 48
- D. B. 41

**Q98** Reasoning

ପ୍ରଦତ୍ତ ବିବୃତି ଓ ନିଷ୍କର୍ଷଗୁଡିକୁ ଧ୍ୟାନର ସହିତ ଅଧ୍ୟୟନ କରନ୍ତୁ । ଏହା ସାଧାରଣତଃ ଜଣାଶୁଣା ତଥ୍ୟ ଠାରୁ ଭିନ୍ନ ମନେହେଲେ ସୁଦ୍ଧା ବିବୃତିରେ ପ୍ରଦତ୍ତ ତଥ୍ୟ କୁ ସତ୍ୟ ବୋଲି ବିବେଚନା କରନ୍ତୁ ଏବଂ ପ୍ରଦତ୍ତ ବିବୃତି (ଗୁଡିକୁ) କୁ ତର୍କସଙ୍ଗତ ଭାବରେ କେଉଁ ନିଷ୍କର୍ଷ (ଗୁଡିକ) ଅନୁସରଣ କରୁଛି ତାହା ନିର୍ଣ୍ଣୟ କରନ୍ତୁ ।
ବିବୃତି: ସମସ୍ତ ଭାୟୋଲିନ ସେଲୋ ଅଟେ । କୌଣସି ସେଲୋ ଭିଓଲା ନୁହେଁ ।
ନିଷ୍କର୍ଷ I: କୌଣସି ଭିଓଲା ଭାୟୋଲିନ ନୁହେଁ
ନିଷ୍କର୍ଷ II: କିଛି ଭିଓଲା ଭାୟୋଲିନ ଅଟେ

- A. D. କେବଳ ନିଷ୍କର୍ଷ (I) ଠିକ ଅଟେ ✓
- B. A. କେବଳ ନିଷ୍କର୍ଷ (II) ଠିକ ଅଟେ
- C. C. ନିଷ୍କର୍ଷ (I) କିମ୍ବା (II) କୌଣସିଟି ଠିକ ନୁହେଁ
- D. B. ଉଭୟ ନିଷ୍କର୍ଷ (I) ଏବଂ (II) ଠିକ ଅଟେ

Blackbook Vocabulary — Now in the App! ► Download Now on Google Play
generated by rank.qmaths.in

**Q99** Reasoning

ଇଂରାଜୀ ବର୍ଣ୍ଣମାଳା କ୍ରମ ଆଧାରରେ ନିମ୍ନଲିଖିତ ଚାରୋଟି ଅକ୍ଷର-ପୁଞ୍ଜ ମଧ୍ୟରୁ ତିନୋଟି ଏକ ନିର୍ଦ୍ଦିଷ୍ଟ ଉପାୟରେ ସଦୃଶ ଅଟନ୍ତି ତେଣୁ ଏହିପରି ଏକ ଗୋଷ୍ଠୀ ଗଠନ କରନ୍ତି । କେଉଁ ଅକ୍ଷର-ପୁଞ୍ଜଟି ସେହି ଗୋଷ୍ଠୀର ଅନ୍ତର୍ଭୁକ୍ତ ନୁହେଁ?
(ଦ୍ରଷ୍ଟବ୍ୟ: ଅସାମଞ୍ଜସ୍ୟଟି ବ୍ୟଞ୍ଜନବର୍ଣ୍ଣ/ସ୍ୱରବର୍ଣ୍ଣ ସଂଖ୍ୟା କିମ୍ବା ଅକ୍ଷର ପୁଞ୍ଜରେ ସେମାନଙ୍କର ସ୍ଥିତି ଉପରେ ଆଧାରିତ ନୁହେଁ)

- **A.** B. ILP ✓
- **B.** D. SVY
- **C.** A. NQT
- **D.** C. LOR

**Q100** Reasoning

ନିମ୍ନଲିଖିତ ଅକ୍ଷର ଅନୁକ୍ରମ ଆଧାରରେ ପ୍ରଶ୍ନର ଉତ୍ତର ଦିଅନ୍ତୁ । ଗଣନା କେବଳ ବାମରୁ ଡାହାଣକୁ କରାଯିବ ।
(ବାମ) U Y I R E W Q L K J H G Z D E F R D F V Y X C A (ଡାହାଣ)
ଏପରି କେତୋଟି ବ୍ୟଞ୍ଜନବର୍ଣ୍ଣ ଅଛି ଯାହାର ପ୍ରତ୍ୟେକର ଠିକ ପୂର୍ବରୁ ଏକ ସ୍ୱରବର୍ଣ୍ଣ ଅଛି ଏବଂ ଠିକ ପରେ ମଧ୍ୟ ଏକ ସ୍ୱରବର୍ଣ୍ଣ ଅଛି?

- **A.** A. କିଛି ନାହିଁ
- **B.** D. ଏକ
- **C.** C. ଦୁଇ ✓
- **D.** B. ତିନି

Blackbook Vocabulary — Now in the App! ► Download Now on Google Play

generated by rank.qmaths.in